# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 March – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ବିଶୃଙ୍ଖଳିତ ଆଚରଣ ନେଇ ଆଜି ମଧ୍ୟ ଦୁଇ ଜଣ କଂଗ୍ରେସ ସଦସ୍ୟ ୭ଟି କାର୍ଯ୍ୟ ଦିବସ ପାଇଁ ଗୃହରୁ ନିଲମ୍ବିତ

— ବିରୋଧୀ ସଦସ୍ୟଙ୍କ ଆଚରଣକୁ ତୀବ୍ର ନିନ୍ଦା କଲେ ଆଇନ୍‌ମନ୍ତ୍ରୀ

- ଦେଶରେ ବ୍ୟାଙ୍କ କ୍ଷେତ୍ରକୁ ସୁଦୃଢ଼ କରିବା ସକାଶେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି ବୋଲି ରାଜ୍ୟସଭାରେ କହିଲେ, ଅର୍ଥମନ୍ତ୍ରୀ

- ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନେଲେ ଶପଥ

ଏବଂ

- ଭାରତୀୟ ସେନାର ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ପାଇଁ ଜାରି ରହିଛି ଅନ୍‌ଲାଇନ୍ ପଞ୍ଜୀକରଣ

# ବିଧାନସଭା-୧

ବିଧାନସଭା ବଜେଟ୍ ଅଧିବେଶନର ତ୍ରୟୋଦଶ ଦିନରେ  ମଧ୍ୟ ଗୃହରେ କଂଗ୍ରେସ ସଦସ୍ୟମାନଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଆଜି ବାକି ଦୁଇଜଣ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ରମେଶ ଜେନାଙ୍କୁ ଗୃହରୁ ୭ଟି କାର୍ଯ୍ୟ ଦିବସ ପାଇଁ ନିଲମ୍ବନ କରିଛନ୍ତି। ଏହାକୁ ମିଶାଇ କଂଗ୍ରେସର ସମସ୍ତ ସଦସ୍ୟଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ୨ ଜଣ କଂଗ୍ରେସ୍ ସଦସ୍ୟଙ୍କ ବିରୋଧରେ ନିଲମ୍ବନ ପ୍ରସ୍ତାବ ଆଗତ କରିଥିଲେ। ସରକାରୀ ଦଳର ସଂଖ୍ୟାଧିକ ସଦସ୍ୟ ପ୍ରସ୍ତାବକୁ ସମ୍ମତି ଜଣାଇବା ପରେ ବାଚସ୍ପତି ଏହାର ଅନୁମୋଦନ କରିଥିଲେ। ସୂଚନାଯୋଗ୍ୟ, ଗତକାଲି କଂଗ୍ରେସ ଦଳର ୧୨ ଜଣ ସଦସ୍ୟଙ୍କୁ ୭ଟି କାର୍ଯ୍ୟଦିବସ ପାଇଁ ନିଲମ୍ବନ କରାଯାଇଥିଲା।

ଅନ୍ୟପକ୍ଷରେ, ବିଜୁ ଜନତା ଦଳ ସଦ୍ୟମାନେ ଆଜି ପ୍ରଶ୍ନକାଳ ବର୍ଜନ କରିଥିଲେ। ଅନୁସୂଚିତ ଜାତି, ଅସୁସୂଚିତ ଜନଜାତି ଏବଂ ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବି କରି ବିଜେଡି ବିଧାୟକମାନେ ଏ.ଜି. ଛକରେ ଥିବା ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରୁ ପଦଯାତ୍ରାରେ ଆସି ବିଧାନସଭା ସମ୍ମୁଖ ଗେଟ୍‌ରେ ପହଞ୍ଚିଥିଲେ।

ପରେ ଗୃହକୁ ଆସି ଗତକାଲି ଏବଂ ଆଜି ବାଚସ୍ପତି ଗୃହରେ ନେଇଥିବା ପଦକ୍ଷେପ ଏବଂ ଅନ୍ୟ ଘଟଣା ଉପରେ ବାଚସ୍ପତିଙ୍କଠାରୁ ବିବୃତ୍ତି ଦାବି କରିଥିଲେ। ବିଶୃଙ୍ଖଳିତ ପରିସ୍ଥିତି ପାଇଁ ଆଜିର ପୂର୍ବାହ୍ଣ ଅଧିବେଶନରେ

ଗୃହକୁ ବାଚସ୍ପତି ଓ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୋଟ୍ ୫ ଥରରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ।  ଗୃହର ସୁପରିଚାଳନା ପାଇଁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ। ଅପରାହ୍ଣ ୪ଟାରୁ ଗୃହ କାର୍ଯ୍ୟ ପୁନଃ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ଚାଲୁଅଛି।

## ବିଧାନସଭା-୨

ବିଧାନସଭାରେ ବିରୋଧୀ ସଦସ୍ୟଙ୍କ ଆଚରଣକୁ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତୀବ୍ର ନିନ୍ଦା କରିଛନ୍ତି। ସେ କହିଛନ୍ତି, ବିରୋଧୀ ସଦସ୍ୟଙ୍କ ଆଚରଣ ଗଣତନ୍ତ୍ରର ବିରୋଧାଚରଣ କରୁଛି। ସରକାର ପ୍ରତ୍ୟେକ ପ୍ରସଙ୍ଗ ନେଇ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ବିରୋଧି ଦଳ ସେଥିରେ ସହଯୋଗ ପ୍ରଦାନ କରୁନାହାନ୍ତି। ସେ କହିଛନ୍ତି...

**-V/O-**

## ଆର୍.ଏସ୍. - ବ୍ୟାଙ୍କିଙ୍ଗ୍ ଲ'ଜ୍

ଦେଶରେ ବ୍ୟାଙ୍କ୍ କ୍ଷେତ୍ରକୁ ସୁଦୃଢ଼ କରିବା ସକାଶେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସରକାର ଗ୍ରହଣ କରିଛନ୍ତି  ବୋଲ  ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ରାଜ୍ୟସଭାରେ ଆଗତ ବ୍ୟାଙ୍କ୍ ଆଇନ ସଂଶୋଧନ ବିଧେୟକ-୨୦୨୪ ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି,  ୨୦୧୪ ମସିହାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବାବେଳେ ବ୍ୟାଙ୍କ୍‌ଗୁଡ଼ିକ ଋଣ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏନ୍.ଡି.ଏ. ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇ ଏହି କ୍ଷେତ୍ରକୁ ଅଧିକ ସଶକ୍ତ କରାଯାଇଛି। ଏହି ବିଧେୟକରେ

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଇନ-୧୦୩୪, ବ୍ୟାଙ୍କ୍ ନିୟାମକ ଆଇନ-୧୯୪୯, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଆଇନ-୧୯୫୫ ଏବଂ ବ୍ୟାଙ୍କିଙ୍ଗ୍ କମ୍ପାନୀ (ଆକ୍ୱିଜିସନ ଓ ଟ୍ରାନ୍ସଫର) ଆଇନ-୧୯୭୦ ଓ ୧୯୮୦ରେ ସଂଶୋଧନ କରାଯିବାର ପ୍ରସ୍ତାବ ରହିଛି ।

## ପୋଷଣ ଭି, ପଢ଼ାଇ ଭି

'ପୋଷଣ ଭି, ପଢ଼ାଇ ଭି' ଅଭିଯାନ ଅଧୀନରେ ଏପର୍ଯ୍ୟନ୍ତ ୩୬ ହଜାର ୩୭ ଜଣ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ତାଲିମ ପ୍ରଦାନ କରାଯାଇଛି ବୋଲି ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଆଜି ରାଜ୍ୟସଭାରେ କହିଛନ୍ତି। ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଇତିମଧ୍ୟରେ ୩ ଲକ୍ଷ ୧୧ ହଜାର ୨୯୯ ଜଣ ଅଙ୍ଗନୱାଡି କର୍ମୀ ମଧ୍ୟ ତାଲିମ ପ୍ରାପ୍ତ ହୋଇସାରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୩ ମସିହା ମଇ ମାସ ୧୦ ତାରିଖରେ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା।

# ଓଡ଼ିଶା ହାଇକୋର୍ଟ- ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ବିଚାରପତି ଜଷ୍ଟିସ ହରିସ ଟଣ୍ଡନ ଆଜି ପୂର୍ବାହ୍ନ ୧୦ଟାରେ ଶପଥ ଗ୍ରହଣ କରିଛନ୍ତି । ହାଇକୋର୍ଟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି' ବିଚାରପତି ହରିଶ ଟଣ୍ଡନଙ୍କୁ ଶପଥ ପାଠ କରାଇଥିଲେ।

ସୂଚନାଯୋଗ୍ୟ ଚଳିତମାସ ପ୍ରଥମ ସପ୍ତାହରେ ସୁପ୍ରିମକୋର୍ଟ କଲେଜିୟମ ଜଷ୍ଟିସ ହରିସ୍ ଟଣ୍ଡନଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ନିଯୁକ୍ତ କରିବାକୁ ସୁପାରିସ୍ କରିବା ପରେ ରାଷ୍ଟ୍ରପତି ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ ।

ଜଷ୍ଟିସ୍ ହରିଶ୍ ଟଣ୍ଡନ ୧୯୮୯ ମସିହା ସେପ୍ଟେମ୍ବର ମାସ ୨୬ ତାରିଖରେ କଲିକତା ହାଇକୋର୍ଟର ଆଇନ୍‌ଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୦ ମସିହା ଏପ୍ରିଲ୍ ମାସ ୧୩ ତାରିଖରେ କଲିକତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

## ପରିଦର୍ଶନ

ରାଜ୍ୟ ଖାଦ୍ୟ ଆୟୋଗର ଦୁଇଜଣିଆ ସଦସ୍ୟ ଆଜି ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନଓ୍ୱାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଖାଦ୍ୟ ଆୟୋଗର ସଦସ୍ୟ ଦୟାନିଧି ଦାସ ଓ ଅକ୍ଷୟ କୁମାର ବେହେରା ଚିତ୍ରକୋଣ୍ଡା ବ୍ଲକ୍‌ର ମନ୍ତ୍ରୀପୁଟ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ କେନ୍ଦ୍ର ଓ ଅଙ୍ଗନଓ୍ୱାଡି କେନ୍ଦ୍ରାର ଖାଦ୍ୟର ମାନ ଯାଞ୍ଚ କରିଥିଲେ। ପରେ ରାଜୁଲକୁଣ୍ଡାଠାରେ ଥିବା ଛତୁଆକେନ୍ଦ୍ର ପରିଦର୍ଶନ କରିଥିଲେ।

## ପରିସଂଖ୍ୟାନ କାର୍ଯ୍ୟାଳୟ

ଭାରତ ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଖୋର୍ଦ୍ଧାଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ନମୁନା

ସର୍ବେକ୍ଷଣର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନୂତନ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । କାର୍ଯ୍ୟକ୍ରମରେ ଖୋର୍ଦ୍ଧା ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଯୋଗଦେଇଥିଲେ ।

## ଦାବିଦାର ନଥିବା ବ୍ୟାଙ୍କ ଖାତା

ଦେଶରେ ଥିବା ବିଭିନ୍ନ ବ୍ୟାଙ୍କରେ ଦାବିଦାର ନଥିବା ୭୮ ହଜାର ୨୧୩ କୋଟି ଟଙ୍କା ଜମା ରହିଛି । ଦାବିହୀନ ଜମା ଏବଂ ଅଚଳ ବ୍ୟାଙ୍କ ଖାତା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ-ଆର.ବି.ଆଇର ନୂଆ ନିୟମକୁ ବ୍ୟାଙ୍କଗୁଡ଼ିକ ଆସନ୍ତା ମାସ ପହିଲାରୁ ଆରମ୍ଭ କରିବାକୁ ଯାଉଛନ୍ତି । ଆର.ବି.ଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ସେମାନଙ୍କ ୱେବ୍‌ସାଇଟ୍‌ରେ ଦାବିହୀନ ଜମା ବିବରଣୀ ପ୍ରଦାନ କରିବେ । ଯେଉଁଥିରେ ଖାତାଧାରୀଙ୍କ ସୂଚନା ଓ ସର୍ତ୍ତ ସୁବିଧା ଉପଲବ୍ଧ ରହିବ । ଜଣେ ଗ୍ରାହକ ନିଜର ବିବରଣୀ ଦେବା ପରେ ବ୍ୟାଙ୍କ ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ଗ୍ରାହକଙ୍କୁ ସମ୍ପର୍କ କରିବା ସହ ଆବଶ୍ୟକ ଯାଞ୍ଚ ପରେ ଟଙ୍କା ଫେରସ୍ତ କରିବ । ଏଥିସହ ଗ୍ରାହକମାନେ ଆର.ବି.ଆଇ.ର ୟୁ.ଡି.ଜି.ଏ.ଏମ୍. ପୋର୍ଟାଲ୍‌ରେ ଦାବିହୀନ ଜମା ନେଇ ସୂଚନା ମଧ୍ୟ ପାଇପାରିବେ ।

## ଅଗ୍ନିପଥ ଯୋଜନା

ଭାରତୀୟ ସେନାର ୨୦୨୫ ନିମନ୍ତେ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ପାଇଁ ଅନଲାଇନ୍ ପଞ୍ଜୀକରଣ ଜାରି ରହିଛି । ଏହି ପ୍ରକ୍ରିୟା ଏପ୍ରିଲ୍ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଏକ କମ୍ପ୍ୟୁଟର ଆଧାରିତ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ପଡିବ ।

ପରୀକ୍ଷା ଦେବା ନିମନ୍ତେ ଆଶାୟୀ ପ୍ରାର୍ଥୀ **www.joinindianarmy.nic.in** ୱେବ୍‌ସାଇଟ୍‌ରେ ଆବଶ୍ୟକ ଫି' ସହ ଆବେଦନ କରିପାରିବେ। ଆସନ୍ତା ଜୁନ୍ ମାସରେ ଏହି ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଅଧିକ ସୂଚନା ଜାଣିବା ପାଇଁ ପ୍ରାର୍ଥୀମାନେ କଟକ କ୍ୟାଣ୍ଟେନ୍‌ମେଣ୍ଟ ରୋଡ୍‌ସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ।

## ପଲିଥିନ୍ ଜବତ

**ରାୟଗଡ଼** ପୌରାଞ୍ଚଳକୁ ପଲିଥିନ୍‌ମୁକ୍ତ କରିବା ତଥା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରର ବିଭିନ୍ନ ବଜାର ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଥିଲାଗି ସଚେତନତ କରାଯାଉଥିବାବେଳେ ଆଜି ପ୍ରଥମ ଦିନରେ ବିଭିନ୍ନ ସ୍ଥାନରୁ ପ୍ରାୟ ୬ କୁଇଣ୍ଟାଲ ପଲିଥିନ୍ ଜବତ କରାଯାଇଛି। ପରିବେଶ ସୁରକ୍ଷା ଏବଂ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପଲିଥିନ୍ ବ୍ୟବହାର ନିଷିଦ୍ଧ କରାଯାଇଥିବାବେଳେ ଏହାର ଅବମାନନା କଲେ ଜରିମାନା ଆଦାୟ କରାଯିବ ବୋଲି ଜଣାପଡିଛି।

## ଇ-ଅଫିସ୍ ତାଲିମ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଇ-ଅଫିସ୍ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସରଳୀକୃତ ଓ ସ୍ୱଚ୍ଛତାର ସହ କାର୍ଯ୍ୟ ହାସଲ କରିବାରେ

ଇ-ଅଫିସ୍ ଏକ ମାଧ୍ୟମ ବୋଲି ଜିଲ୍ଲାପାଳ ବିଜୟ କୁମାର ଦାଶ କହିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ଶୁକ୍ରବାର ଦିନ ଉଦଯାପିତ ହେବ। ଏଥିରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ସରକାରୀ ସଂସ୍ଥାର କର୍ମଚାରୀ ଯୋଗଦେଇଥିଲେ।

## ତାଲିମ ଶିବିର

**ନୟାଗଡ଼** ଜିଲ୍ଲାରେ ଓଡ଼ିଶା ଜୀବିକା ମିଶନ ପରିଚାଳନା ଶାଖା ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣଙ୍କ ମିଳିତ ସହଯୋଗରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ଅଧିନିୟମ ୨୦୧୩ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ, ଓଡ଼ିଶା ଜୀବିକା ମିଶନର ଦକ୍ଷତା ବିକାଶ ସଂଯୋଜକ ପ୍ରମୁଖ ତାଲିମ୍ ଶିବିରରେ ଯୋଗଦେଇ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ ସମ୍ପର୍କରେ ଆଲୋଚନା କରିଥିଲେ। ଏକଦିବସୀୟ କାର୍ଯ୍ୟକ୍ରମରେ ୪ଜଣ ଜି.ସି.ଆର.ପି.ଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## କର୍ମଶାଳା

**ବୌଦ୍ଧ** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ସୂଚନା ଅଧିକାର ଆଇନ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର ଆଇନ୍ ସମ୍ପର୍କିତ ନୂତନ ପୋର୍ଟାଲ ଏହାର ବ୍ୟବହାର ଅନ୍‌ଲାଇନ୍ ସୂଚନା ପ୍ରଦାନ ସମ୍ପର୍କରେ କର୍ମଶାଳାରେ ଜିଲ୍ଲାପାଳ

ସୁବ୍ରତ କୁମାର ପଣ୍ଡା ଆଲୋଚନା କରିଥିଲେ। ଜିଲ୍ଲାରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।